ପାଠ - ୬ ଯୋଡ଼ ଓ ବେଯୋଡ଼ ସଂଖ୍ୟା ଚିହ୍ନିବା

ତଳେ ପ୍ରତ୍ୟେକ ଧାଡ଼ିରେ ଦିଆଯାଇଥିବା ଚିତ୍ରଗୁଡ଼ିକ ଗଣି ଚିତ୍ର ସଂଖ୍ୟାକୁ ଡାହାଣ ପାଖ ଖାଲି ଘରେ ଲେଖ।

	୪
	୫

ଉପରେ ଦେଖାଇ ଦିଆଯାଇଥିବା ଭଳି ପ୍ରତ୍ୟେକ ଧାଡ଼ିରେ ଦୁଇ ଦୁଇଟି ଚିତ୍ରରେ ଗୋଟିଏ ମୁଣ୍ଡୁଳା ବୁଲାଅ। ମୁଣ୍ଡୁଳା ବୁଲାଇବା ପରେ ଯଦି କୌଣସି ଚିତ୍ର ବଳି ନ ପଡ଼େ, ତେବେ ସେହି ଚିତ୍ରମାନଙ୍କର ଡାହାଣପଟେ ଲେଖାଥିବା ସଂଖ୍ୟାଟିରେ ମୁଣ୍ଡୁଳା ବୁଲାଅ।

ଏହିପରି କାମ କରିବା ପରେ କେଉଁ କେଉଁ ସଂଖ୍ୟାରେ ମୁଣ୍ଡୁଳା ବୁଲାଯାଇଛି ଓ କେଉଁଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇନାହିଁ, ତଳ ସାରଣୀରେ ଲେଖ।

ମୁଣ୍ଡୁଳା ବୁଲାଯାଇଥିବା ସଂଖ୍ୟା	ମୁଣ୍ଡୁଳା ବୁଲାଯାଇ ନ ଥିବା ସଂଖ୍ୟା

ଯେଉଁ ସଂଖ୍ୟା ଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇଛି, ସେଗୁଡ଼ିକ ଯୋଡ଼ ବା ଯୁଗ୍ମ ସଂଖ୍ୟା।

ଯେଉଁ ସଂଖ୍ୟା ଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇନାହିଁ, ସେଗୁଡ଼ିକ ବେଯୋଡ଼ ବା ଅଯୁଗ୍ମ ସଂଖ୍ୟା।

5FK3VT

- ତଳେ ପ୍ରତ୍ୟେକ ଧାଡ଼ିରେ ଲେଖାଥିବା ସଂଖ୍ୟା ଅନୁଯାୟୀ ପ୍ରତିଧାଡ଼ିରେ ବଲ ଚିତ୍ର ଅଙ୍କନକର । ଦୁଇ ଦୁଇଟି ବଲକୁ ଘର ମଧ୍ୟରେ ରଖ । ସଂଖ୍ୟାଟି ଯୁଗ୍ମ କି ଅଯୁଗ୍ମ ଲେଖ ।

୧୦		ଯୁଗ୍ମ
୧୩		ଅଯୁଗ୍ମ
୧୪		
୧୫		
୧୨		
୧୬		
୧୭		
୯		
୧୮		

ସାରଣୀର ବାମ ପାର୍ଶ୍ୱରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଯୁଗ୍ମ ବୋଲି ଜଣାପଡ଼ିଲା ?

କେଉଁ କେଉଁ ସଂଖ୍ୟାଗୁଡ଼ିକ ଅଯୁଗ୍ମ ବୋଲି ଜଣାପଡ଼ିଲା ?

ଏବେ କହ, ଯୁଗ୍ମ ଓ ଅଯୁଗ୍ମ ସଂଖ୍ୟା କାହାକୁ କୁହାଯାଏ ?

- ଯୁଗ୍ମ ସଂଖ୍ୟା ଥିବା କୋଠରିଗୁଡ଼ିକରେ ରଂଗ ଦିଅ ।

୧	୨	୩	୪	୫	୬	୭	୮	୯	୧୦
୧୧	୧୨	୧୩	୧୪	୧୫	୧୬	୧୭	୧୮	୧୯	୨୦
୨୧	୨୨	୨୩	୨୪	୨୫	୨୬	୨୭	୨୮	୨୯	୩୦
୩୧	୩୨	୩୩	୩୪	୩୫	୩୬	୩୭	୩୮	୩୯	୪୦

• **ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

(କ) ଦୁଇଟି ପାଖାପାଖି ଯୁଗ୍ମ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ?

(ଖ) ଦୁଇଟି ପାଖାପାଖି ଅଯୁଗ୍ମ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ?

(ଗ) ଯୁଗ୍ମ ସଂଖ୍ୟାମାନଙ୍କର ଏକକ ଘରେ କେଉଁ କେଉଁ ଅଙ୍କ ଥିବାର ଲକ୍ଷ୍ୟ କରୁଛ ?

(ଘ) ଅଯୁଗ୍ମ ସଂଖ୍ୟାମାନଙ୍କର ଏକକ ଘରେ କେଉଁ କେଉଁ ଅଙ୍କ ଥିବାର ଲକ୍ଷ୍ୟ କରୁଛ ?

କୌଣସି ସଂଖ୍ୟାର ଏକକ ଘରର ଅଙ୍କକୁ ଦେଖି ତାହା ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ତାହା ଜାଣିହୁଏ ।
ଯେଉଁ ସଂଖ୍ୟାର ଏକକ ଘରେ ୦, ୨, ୪, ୬ ବା ୮ ଥାଏ ତାହା ଯୁଗ୍ମ ସଂଖ୍ୟା ।

• **ପରୀକ୍ଷା କରି ଦେଖ :**

(କ) ଯେକୌଣସି ଦୁଇଟି ଯୁଗ୍ମ ସଂଖ୍ୟାର ଯୋଗଫଳ ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ?

(ଖ) ଦୁଇଟି ଅଯୁଗ୍ମ ସଂଖ୍ୟା ନେଇ ସେମାନଙ୍କର ଯୋଗଫଳ କେଉଁ ପ୍ରକାରର ସଂଖ୍ୟା ହେଉଛି ଲେଖ ?

(ଗ) ଗୋଟିଏ ଯୁଗ୍ମ ସଂଖ୍ୟାରେ ଗୋଟିଏ ଅଯୁଗ୍ମ ସଂଖ୍ୟା ମିଶାଇଲେ ଯୋଗଫଳ ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ?

• **ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

(କ) ୫୦ରୁ ଅଧିକ ଓ ୭୦ରୁ କମ୍ ହେଉଥିବା ୫ଟି ଯୁଗ୍ମ ସଂଖ୍ୟା ଲେଖ ।

(ଖ) ଦୁଇଟି ତିନିଅଙ୍କ ବିଶିଷ୍ଟ ଅଯୁଗ୍ମ ସଂଖ୍ୟା ଲେଖ, ପ୍ରତ୍ୟେକ ସଂଖ୍ୟାର ଦଶକ ଘର ଅଙ୍କ ୫ ହେଉଥିବ ।

(ଗ) ଚାରୋଟି ତିନିଅଙ୍କ ବିଶିଷ୍ଟ ଯୁଗ୍ମ ସଂଖ୍ୟା ଲେଖ, ଯେପରି ପ୍ରତ୍ୟେକ ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟି ୭ ହେଉଥିବ ।

ଅଭ୍ୟାସ

୧. ଚିତ୍ର ଗଣି କୋଠରିରେ ଲେଖ ଓ ତାହା ଯୁଗ୍ମ ବା ଅଯୁଗ୍ମ ଲେଖ ।

	୪	ଯୁଗ୍ମ

୨. ଯୁଗ୍ମ ସଂଖ୍ୟାଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।

୬	୧୪	୩୦	୧୬୭	୪୦୪	୨୨୮
୩	୫୪	୫୯	୨୦୮	୫୭୬	୪୧୧
୫୬	୩୪	୧୦୪	୭୧	୩୧୫	୪୩୮
୧୦୮	୫୨୪	୩୫୫	୭୫୦	୫୨	୯୯୯

୩. ଅଯୁଗ୍ମ ସଂଖ୍ୟାଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।

୭	୪୭	୭୬	୨୪୨	୮୩	୪୦୭
୮	୭୮	୮୫	୧୩୮	୧୪୫	୩୫୧
୪୩	୫୪	୭୯	୧୦୫	୨୧୫	୬୧୯
୮୧	୨୬୩	୬୨୫	୯୭୦	୬୪୭	୨୩୪

୪. ଯୁଗ୍ମ ସହ ଯୁଗ୍ମ, ଅଯୁଗ୍ମ ସହ ଅଯୁଗ୍ମ ସଂଖ୍ୟାକୁ କ୍ରମାନ୍ୱୟରେ ଯୋଡ଼ି ଚିତ୍ର କର।



୫. (କ) ୨୫ ରୁ ଅତି କମ୍‌ରେ ________ ବିୟୋଗ କଲେ ଯୁଗ୍ମ ସଂଖ୍ୟାଟିଏ ହେବ।

(ଖ) ୯ରେ ଅତି କମ୍‌ରେ ________ ଯୋଗ କଲେ ଅଯୁଗ୍ମ ସଂଖ୍ୟାଟିଏ ହେବ।

୬.

୮	୨	୩
୫	୦	୪
୬	୭	୯

ଏହି ଟେବୁଲରୁ ଅଙ୍କନେଇ ସଂଖ୍ୟା ତିଆରି କରି ତଳେ ଲେଖ। ସଂଖ୍ୟାଗୁଡ଼ିକ ଦୁଇ ଅଙ୍କ ବିଶିଷ୍ଟ ବା ତିନି ଅଙ୍କ ବିଶିଷ୍ଟ ହୋଇପାରେ। ଯୁଗ୍ମ ସଂଖ୍ୟାଗୁଡ଼ିକୁ ମୁଣ୍ଡୁଳା ବୁଲାଅ। ଦେଖ, କିଏ କେତେ ଅଧିକ ଯୁଗ୍ମ ସଂଖ୍ୟା ପାଇପାରୁଛି।

________ ________ ________ ________ ________

________ ________ ________ ________ ________

୭. △ ମଧ୍ୟରେ ଅଯୁଗ୍ମ ସଂଖ୍ୟା ଓ □ ମଧ୍ୟରେ ଯୁଗ୍ମ ସଂଖ୍ୟା ଲେଖାଯିବ ।

△ + □ + △ = ୧୮

△ ଓ □ ମଧ୍ୟରେ ତୁମେ କେଉଁ କେଉଁ ସଂଖ୍ୟା ଲେଖି ଯୋଗଫଳ ୧୮ ପାଇପାରୁଛ ?